ପର୍ଯ୍ୟବେକ୍ଷକ
ମହାନଗର

# ରାଜଭବନରେ ସ୍ୱଚ୍ଛତା ହିଁ ସେବା ଅଭିଯାନର ଶୁଭାରମ୍ଭ

## ସେବା ମନୋଭାବ ଭାରତୀୟ ଜୀନବଶୈଳୀର ଅଂଶବିଶେଷ : ରାଜ୍ୟପାଳ

“ସ୍ୱଚ୍ଛତା ହିଁ ସେବା” ଅଭିଯାନ
Campaign on
SWACCHTA HI SEWA
18TH SEPTEMBER,2017
RAJ BHA NESWAR
PADMASHREE G.C. MITRA

**ଭୁବନେଶ୍ୱର,(ପି.ଏନ୍):** ରାଜ୍ୟପାଳ ଡ଼.ଏସ୍.ସି. ଜମିର୍ 'ସ୍ୱଚ୍ଛତା ହିଁ ସେବା' ଅଭିଯାନର ଶୁଭାରମ୍ଭ କରିଛନ୍ତି । ସୋମବାର ରାଜଭବନର ଅଭିଷେକ ହଲ୍‌ରେ ଆୟୋଜିତ ଏକ ଉତ୍ସବରେ ଅଭିଯାନକୁ ଶୁଭାରମ୍ଭ କରି ରାଜ୍ୟପାଳ କହିଲେ ଯେ ସେବା ମନୋଭାବ ଓ ସ୍ୱେଚ୍ଛାସେବାପରାୟଣତା ଭାରତର ଜୀନବଶୈଳୀର ଅଂଶବିଶେଷ । ଅନେକ ବ୍ୟକ୍ତି ଓ ଅନୁଷ୍ଠାନ ସେବା କ୍ଷେତ୍ରରେ ସାମାଜିକ ଅଂଗୀକାର ଓ ନିଷ୍ଠା ସହ କାର୍ଯ୍ୟରତ ଅଛନ୍ତି । ସେମାନଙ୍କ ମାଧ୍ୟମରେ ସେବାଭାବର ବ୍ୟାପକ ପ୍ରସାର ଘଟିଛି । ଏହା ଆହୁରି ବ୍ୟାପକ ହେବା ସହ ଅନ୍ୟମାନେ ଏଥିରେ ଅନୁପ୍ରାଣୀତ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି । ସରକାର ପାଇଖାନା ନିର୍ମାଣ ତଥା ଲୋକମାନଙ୍କୁ ଯୋଗାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ତଥା ଲୋକମାନଙ୍କ ମଧ୍ୟରେ ପାଇଖାନାର ବ୍ୟବହାର ନିମନ୍ତେ ସଚେତନତା ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ । ଭାରତକୁ ବାହାରେ ମଳତ୍ୟାଗ ମୁକ୍ତ ଦେଶ ରୂପେ ଗଢ଼ିବାକୁ ସମସ୍ତଙ୍କର ସହଯୋଗ ଦରକାର ବୋଲି ପ୍ରକାଶ କରି ରାଜ୍ୟପାଳ ଏ କ୍ଷେତ୍ରରେ ଗଣମାଧ୍ୟମ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ମହାତ୍ମାଗାନ୍ଧୀ ପରିଚ୍ଛନତା ଉପରେ ବିଶେଷ ଗୁରୁତ୍ୱଆରୋପ କରୁଥିଲେ । ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସୁଦ୍ଧା ସ୍ୱଚ୍ଛଭାରତର ଲକ୍ଷ୍ୟ ଓ ଆଭିମୁଖ୍ୟ ପରିପୂରଣ ହେବାର ଯୋଜନା କରାଯାଇଛି । ଏହା ହାସଲ କରିବାକୁ ନିଷ୍ଠା ଓ ଆନ୍ତରିକତା ସହ କାର୍ଯ୍ୟ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି । ପଦ୍ମଶ୍ରୀ ଡ଼. ଗୋପାଳ ଚଂଦ୍ର ମିତ୍ର ସ୍ୱଚ୍ଛତାକୁ ସଭ୍ୟତାର ଏକ ପ୍ରମୁଖ ଉପାଦାନ ଭାବରେ ବର୍ଣ୍ଣନା କରି ସ୍ୱଚ୍ଛତାକୁ ପ୍ରତ୍ୟେକ ଜୀନନଶୈଳୀରେ ସାମିଲ କରିବାକୁ କହିଛନ୍ତି । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ସି.ଜେ. ବେଣୁଗୋପାଳ ଅଭିଯାନର ଉଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ । ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୪ ଟି ରକ୍ତସଂଚାଳନ କେନ୍ଦ୍ର ପ୍ରତିଷ୍ଠା କରାଯିବ : ମନ୍ତ୍ରୀ

**ଭୁବନେଶ୍ୱର,(ପି.ଏନ୍):** ଜନସାଧାରଣଙ୍କୁ ଆବଶ୍ୟକତା ଅନୁଯାୟୀ ଯଥେଷ୍ଟ ପରିମାଣର ନିରାପଦ ଗୁଣାତ୍ମକ ରକ୍ତ ଯୋଗାଇ ଦେବା ନିମନ୍ତେ ୪ ଗୋଟି ଆଂଚଳିକ ରକ୍ତସଂଚାଳନ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି । ଏହି କେନ୍ଦ୍ର ୩ ଗୋଟି ସରକାରୀ ମେଡିକାଲ କଲେଜର ଟ୍ରାନ୍ସଫ୍ୟୁଜନ ମେଡିସିନ୍ ବିଭାଗ ଏବଂ କ୍ୟାପିଟାଲ ହସପିଟାଲର ରକ୍ତ ଭଣ୍ଡାରରେ କାର୍ଯ୍ୟ କରିବ । ରାଜ୍ୟ ରକ୍ତ ସଂଚାଳନ ପରିଷଦ ଏହି ଆଂଚଳିକ କେନ୍ଦ୍ରଗୁଡିକ ମାଧ୍ୟମରେ ରକ୍ତ ସଂଚଳନ ସେବାକୁ ସଂଗଠିତ କରାଇବ । ରାଜ୍ୟର ବିଭିନ୍ନ ରକ୍ତ ଭଣ୍ଡାର ଗୁଡିକୁ ଏହି ଆଂଚଳିକ କେନ୍ଦ୍ର ସହ ସଂଯୋଗ କରାଯିବ । କଟକ ଏସ୍.ସି.ବି କେନ୍ଦ୍ର ଅଧୀନରେ ଏସ୍.ସି.ବି ରକ୍ତ ଭଣ୍ଡାର, କେନ୍ଦ୍ରୀୟ ରେଡ୍‌କ୍ରସ୍ ରକ୍ତ ଭଣ୍ଡାର, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରଖ, ବାଲେଶ୍ୱର, ବାରିପଦା ଏବଂ କେନ୍ଦୁଝର ଜିଲ୍ଲାମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର, ଚମ୍ପୁଆ, ଆନନ୍ଦପୁର, କରଞ୍ଜିଆ, ଉଦଳା, ରାଇରଙ୍ଗପୁର, ନିଳଗିରି ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାର ଓ ଯାଜପୁର ରୋଡ ସି.ଏଚ୍.ସି ରକ୍ତ ଭଣ୍ଡାର ରହିବ । ଏମ୍.କେ.ସି.ଜି କେନ୍ଦ୍ର ଅଧୀନରେ ଏମ୍.କେ.ସି.ଜି ମେଡିକାଲ ରକ୍ତଭଣ୍ଡାର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ପାରଳାଖେମୁଣ୍ଡି ଓ ଫୁଲବାଣୀ ମୁଖ୍ୟଚିକିତ୍ସାଳୟ ରକ୍ତଭଣ୍ଡାର, ଭଞ୍ଜନଗର, ଜୟପୁର, ଗୁଣୁପୁର ଓ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର ରହିବା ବେଳେ ଭିମ୍‌ସାର କେନ୍ଦ୍ର ଅଧୀନରେ ଭିମ୍‌ସାର ରକ୍ତଭଣ୍ଡାର, ସମ୍ବଲପୁର, ବରଗଡ, ବଲାଙ୍ଗିରି, ନୂଆପଡା, ଭବାନୀପାଟଣା, ସୋନପୁର, ଆର୍.ଜି.ଏଚ୍, ଝାରସୁଗୁଡା, ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର, କୁଚୁଣ୍ଡା, ପଦ୍ମପୁର, ରାଇରମହଲ, ଟିଟିଲାଗଡ, ପାଟଣାଗଡ, ଧର୍ମଗଡ, ବଣାଇଗଡ ଉପଖଣ୍ଡ ରକ୍ତଭଣ୍ଡାର ଏବଂ କଂଟାବାଞ୍ଜି ସି.ଏଚ୍.ସି ରକ୍ତଭଣ୍ଡାର ରହିବ । ସେହିପରି କ୍ୟାପିଟାଲ ହସପିଟାଲ ରକ୍ତଭଣ୍ଡାର କେନ୍ଦ୍ରସହ କ୍ୟାପିଟାଲ ହସପିଟାଲ ରକ୍ତଭଣ୍ଡାର, ବି.ଏମ୍.ସି, ପୁରୀ, ଖୋର୍ଦ୍ଧା, ନୟାଗଡ, ଅନୁଗୋଳ, ଢେଙ୍କାନାଳ, ମୁଖ୍ୟଚିକିତ୍ସାଳୟ ଏବଂ ତାଳଚେର ଓ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାରକୁ ରଖାଯାଇଛି । ଆଂଚଳିକ କେନ୍ଦ୍ର ଗୁଡିକସହ ସଂଯୋଗ କରାଯାଇଥିବା ରକ୍ତଭଣ୍ଡାର ଗୁଡିକର ଦୈନନ୍ଦିନ କାର୍ଯ୍ୟ ତଦାରକ କରିବା ସହ ସେମାନଙ୍କୁ ଗାଇଡ୍ କରିବେ । ଏତଦ୍‌ବ୍ୟତିତ ଏହି କେନ୍ଦ୍ରଗୁଡିକ ଏସ୍.ବି.ଟି.ସିକୁ ତଥ୍ୟସଂଗ୍ରହ, ତାଲିମ୍, ତଦାରକ, ରକ୍ତର ମାନ ନିର୍ଦ୍ଧାରଣ ଆଦି କ୍ଷେତ୍ରରେ ସହାୟତା କରିବେ । ଏହି ଆଂଚଳିକ କେନ୍ଦ୍ର ଗୁଡିକ ଏନ୍.ଆଇ.ବି ନୋଇଡା ସହ ବାହ୍ୟ ଗୁଣବତା ନିର୍ଦ୍ଧାଣ ନିମନ୍ତେ ସଂଯୁକ୍ତ ହେବେ । ଏହି ଆଂଚଳିକ କେନ୍ଦ୍ର ଗୁଡିକ ଖୋଲିବା ଦ୍ୱାରା ରକ୍ତ ଭଣ୍ଡାର ଗୁଡିକର କାର୍ଯ୍ୟଧାରାରେ ଉନ୍ନତି ଆସିବା ସହ ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ ଏବଂ ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କୁ ନିରାପଦ ଗୁଣାତ୍ମକ ରକ୍ତ ଯୋଗାଇଦେବା କ୍ଷେତ୍ରରେ ବିଶେଷ ସହାୟକ ହୋଇପାରିବ ବୋଲି ବୋଲି ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି ।

## ଗୋପାଳ ଛୋଟରାୟ ନାଟକର ଅନ୍ୟତମ ବିନ୍ଧାଣି ଥିଲେ

**ଭୁବନେଶ୍ୱର, (ପି.ଏନ୍):** ମଂଚ ନାଟକ ଲେଖରେ ଥିଲା ତାଙ୍କର ଭିନ୍ନ ଏକ ଅନୁଭୂତି । ନାଟକକୁ ଅନ୍ତରର ସହିତ ଭଲ ପାଉଥିଲେ ଗୋପାଳ ଛୋଟରାୟ । ଓଡିଆ ନାଟ୍ୟ ଜଗତକୁ ତାଙ୍କର ଅବଦାନ ଥିଲା ମହତ । ତାଙ୍କ ଲେଖା ଆଜିବି ନାଟକ ମାଧ୍ୟମରେ ଲୋକଙ୍କ ମଧ୍ୟରେ ବେଶ ଆଦୃତ ହୋଇଛି । ନାଟକ ଭରଷା ଓ ପରକଲମ ଏବେବି ନାଟ୍ୟପ୍ରେମୀଙ୍କ ପସନ୍ଦ ରହିଛି ବୋଲି ଗୋପାଳ ଛୋଟରାୟଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ଥାନୀୟ ଏକ ତାରକା ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ବଙ୍ଗଳା ନାଟ୍ୟକାର ମନୋଜ ମିତ୍ର ଉଦ୍‌ଘାଟନ କରିଥିଲେ । କେବଳ ଓଡିଆ ନାଟକରେ ତାଙ୍କର ଅବଦାନ ଥିଲା ବୋଲି କହିଲେ ଚଳିବ ନାହିଁ । ବଙ୍ଗଳା ନାର୍ଟ ଜଗତରେ ତାଙ୍କର ଛିଟା ଆଜିବି ପ୍ରତୀୟମାନ ହୁଏ । କାର୍ଯ୍ୟକ୍ରମରେ ବିଶିଷ୍ଟ ମଂଚ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ସଭାପତିତ୍ୱକ କରିଥିବା ବେଳେ ଓଡିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଗୌରହରୀ ଦାସ ଶ୍ରୀ ଛୋଟରାୟଙ୍କ ବିଷୟରେ ସୂଚନା ପ୍ରଦାନ କରିଥିଲେ । ବିଶିଷ୍ଟ ଲେଖକ ସୁମନ୍ୟୁ ଶତପଥି ଭିତି ପ୍ରବନ୍ଧ ପାଠ କରିଥିଲେ । ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କଲିକତା ସାହିତ୍ୟ ଏକାଡେମୀ ଭାରତପ୍ରାପ୍ତ ଅଧିକାରୀ ଗୌତମ ପାଲ ଧନ୍ୟବାଦ ଅର୍ପଣ କରଥିଲେ ।

## ହରତାଳ ନାଁରେ ଅଘୋଷିତ ବନ୍ଦକୁ ସମୃଦ୍ଧ ଓଡିଶାର ନିନ୍ଦା

**ଭୁବନେଶ୍ୱର,(ପି.ଏନ୍):** ଓଡିଶାରେ ବିଜେଡି ଦଳ ତରଫରୁ ହୋଇଥିବା ହରତାଳ ନାଁରେ 'ଅଘୋଷିତ ବନ୍ଦ'ରେ ସାଧାରଣ ଜନତା ନାହିଁ ନଥିବା କଷ୍ଟ ଭୋଗିଛନ୍ତି । ବନ୍ଦ ଏବଂ ଚକାଜାମ୍ କରିବା ହରତାଳ ନୁହେଁ । ହରତାଳ କରିବାକୁ କହି ସରକାରୀ ଦଳର ନେତା ଓ କର୍ମୀମାନେ ଯେଉଁଭଳି ଭାବରେ ବିଚ୍ ରାସ୍ତାରେ ଜନସାଧାରଣଙ୍କ ପ୍ରତି ଆଚରଣ ପ୍ରଦର୍ଶନ କଲେ ତାହା ଘୋର ନିନ୍ଦନୀୟ, ଅଗଣତାନ୍ତ୍ରିକ ଓ ଜନବିରୋଧୀ ବୋଲି ସମୃଦ୍ଧ ଓଡିଶା ଦଳର ଯୁବମଂଚର ସଭାପତି ଶ୍ରୀ ପ୍ରଶାନ୍ତ କୁମାର ଜେନା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ତୈଳ ଦର ବୃଦ୍ଧି କେବଳ ଆମ ରାଜ୍ୟବାସୀଙ୍କ ପାଇଁ ନୁହେଁ ବରଂ ଭାରତବାସୀଙ୍କ ପାଇଁ ଏକ ପାରମ୍ପାରିକ ସମସ୍ୟା ହୋଇଯାଇଛି । ତୈଳ ଦର ବୃଦ୍ଧିରେ ଲୋକ ଅତିଷ୍ଠ । ମାତ୍ର ତୈଳ ଦର ବୃଦ୍ଧିକୁ ବିରୋଧ କରି ଖୋଦ୍ ଶାସକ ଦଳର ନେତା ଓ କର୍ମୀମାନେ ଯେଉଁଭଳି ଭାବରେ ଅଚାନକ ରାସ୍ତାଘାଟ ବନ୍ଦ କରି ଜନସାଧାରଣଙ୍କ ଉପରେ ଅମାନୁଷିକ ଚଢଉ କଲେ ତାହା ପୂର୍ବରୁ କେବେ ଦେଖାଯାଇନଥିଲା । ଏପରିକି ରୋଗୀ, ମହିଳା, ଛାତ୍ର ଓ ଗଣମାଧ୍ୟମର ପ୍ରତିନିଧି କେହି ଏମାନଙ୍କ ଅତ୍ୟାଚାରରୁ ମୁକ୍ତି ପାଇପାରିଲେ ନାହିଁ । ପୋଲିସ୍‌ର ଆଶ୍ଚର୍ଯ୍ୟଜନକ ନିରବତା ଏହିପରି 'ମିଛ ହରତାଳ ସତ ବନ୍ଦ'କୁ ଖୋରାକ୍ ଯୋଗାଇଲା । ଏହି ବନ୍ଦ ଯୋଗୁଁ ଜନସାଧାରଣଙ୍କର ଯେଉଁ କ୍ଷତି ଘଟିଛି ତାହା ରାଜ୍ୟ ସରକାର ବହନ କରନ୍ତୁ ଏବଂ ହରତାଳ ନାଁରେ ବନ୍ଦ କରିବା କେତେ ଦୂର ଯୁକ୍ତିଯୁକ୍ତ ତାହା ରାଜ୍ୟର ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ନିକଟରେ ଭବିଷ୍ୟତରେ ନିଶ୍ଚିତ ଜବାବ୍ ରଖିବେ ନଚେତ୍ ଜନସାଧାରଣ ଏହାର ଉଚିତ୍ ଜବାବ ଫେରାଇବେ ବୋଲି ଶ୍ରୀ ଜେନା ଏହି ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ।

## ଡାର୍କନେସ୍ ଟୁ ନାଇଟ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, (ପି.ଏନ୍):** ଜୀବନର ପ୍ରତ୍ୟେକ ସ୍ତରକୁ ସରଳ ଓ ନିଆର ଢ଼ଙ୍ଗରେ ଉପସ୍ଥାପନ କରାଯାଇଛି ପୁସ୍ତକ ଡାର୍କନେସ ଟୁ ନାଇଟ ଆନ ଇନକ୍ରୀଡେବଲ ଜର୍ଣ୍ଣୀ ଲୋକାର୍ପିତ ହୋଇଯାଇଛି । ସ୍ଥାନୀୟ ଏକ ତାରକା ହୋଟେଲରେ ଆୟୋଜିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ବରିଷ୍ଠ ପୋଲିସ ପ୍ରଶାସକ ବିଶ୍ୱକେଶରୀ ତ୍ରିପାଠୀ ପୁସ୍ତକଟିକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରି ତହିଥିାଲ ଯେ, ସାଧାରର ଲୋକଙ୍କ ସରଳ ଓ ନିରାଡମ୍ବର ଜୀବନର କିଛି ଉପଲବ୍ଧିକରି ଏହି ପୁସ୍ତକରେ ସାମିଲ କରାଯାଇଛି । ମୁଖ୍ୟ ବକ୍ତାଭାବେ ସାହିତ୍ୟିକ ହୁସେନ ରବି ଗାନ୍ଧି କହିଥିଲେ ଜଣେ ପୋଲିସ ଅଫିସର ପୁସ୍ତକ ରଚନା କରିବା ଏକ କାଠିକର ପାଠ । କାରଣ କର୍ମମୟ ଜୀବନରେ ସାଧାରଣ ଅନୁଭୂତିକୁ ମନେ ରଖିବା ସେମାନଙ୍କ ପାଇଁ କାଠିକର ହୋଇଥାଏ । ତଥାପି ଶ୍ରୀ ନାୟକ ତାଙ୍କ ପୁସ୍ତକରେ ଜୀବନର ପ୍ରତ୍ୟକ ଅନୁଭୂତିକୁ ସାଉଁଟିବାକୁ ଚେଷ୍ଟା କରିଛନ୍ତି । ପାଠକ ମହଲରେ ଏହାବେଶ ଆଦର ଲାଭ କରିବ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ପୂର୍ବତନ ପୋଲିସ ପୋଲିସ ପ୍ରଶାସକ ଏବି ତ୍ରିପାଠୀ । ଏହି ଅବସରରେ ଲେଖକ ଜନ ନାୟକ ତାଙ୍କ ବାଲ୍ୟ ଜୀବନ୍‌ଠାରୁ ଆଇପିଏସ୍ ପାଇବା ଓ ଚାକିରି କାଳରେ ବିଭିନ୍ନ ଅନୁଭୂତିକୁ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାଗତଭାଷଣ ଓ ସଭା ପରିଚାଳନା କରିଥିଲେ ରିନା ନାୟକ ପଣ୍ଡା ।

## ଭୁବନେଶ୍ୱର ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,(ପି.ଏନ୍):** ଖୋର୍ଦ୍ଧା ଜିଲ୍ଲାପାଳ ନିର୍ମଳ ମିଶ୍ର ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଅଭିଯୋଗ ଶୁଣାଣୀ କରିଥିଲେ । ସମୁଦାୟ ବାରଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ୫ଟି ଅଭିଯୋଗ ଫଇସଲା ହୋଇଛି । ଏହା ବାଦ ଗୋଟିଏ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଏବଂ ଅନ୍ୟଟି ରେଡ଼ କ୍ରସ ପାଣ୍ଠି ସମ୍ପର୍କରେ ଥିଲା । ଜିଲ୍ଲାପାଳ ଏହି ଦୁଇଟି ପାଣ୍ଠିରୁ ଅର୍ଥ ମଞ୍ଜୁର କରିଥିଲେ । ଅଭିଯୋଗ ଗୁଡ଼ିକ ମଧ୍ୟରେ ପାଂଚଟି ସାମୂହିକ ଥିବା ବେଳେ ସାତଟି ବ୍ୟକ୍ତିଗତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଏବଂ ସହକାରୀ ଜିଲ୍ଲାପାଳ ଉପସ୍ଥିତ ରହି ଅଭିଯୋଗ ଫଇସଲା କରିବାରେ ସହଯୋଗ କରିଥିଲେ ।

## ଓଡିଆରେ ଲେଖାଯିବ ରାସ୍ତାର ଫଳକ ନାମ

**ଭୁବନେଶ୍ୱର, (ପି.ଏନ୍):** ଏବେଠୁ ରାସ୍ତା ସୂଚନା ଫଳକ, ସବୁ ବ୍ୟବସାୟିକ ପ୍ରତିଷ୍ଠାନରେ ଲାଗିବ ଓଡିଆ ଫଳକ । ଓଡିଆ ଭାଷାରେ ସରକାରୀ ଫାଇଲ୍ କାମ ହେବ । ଇଂରାଜୀ ଶବ୍ଦର ଓଡିଆ ଅର୍ଥ ବତାଇବ କମ୍ପ୍ୟୁଟର । କମ୍ପ୍ୟୁଟରରେ ଇଂରାଜୀ ଭାଷା ଲେଖି କମାଣ୍ଡ ଦେବା ମାତ୍ରେ ତାହା ଓଡିଆ ଭାଷାରେ ନିର୍ଦ୍ଦେଶ ବାହାର କରିବ । ସେତ୍ ପାଇଁ ସ୍ୱତନ୍ତ୍ର ସଫ୍ଟୱେର ସଚିବାଳୟର କମ୍ପ୍ୟୁଟର ଗୁଡିକରେ ସଂଯୋଗ କରାଯାଉଛି । ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସରକାରୀ କାର୍ଯ୍ୟରେ ଓଡିଆ ଭାଷା ବ୍ୟବହାର କମିଟି ବୈଠକରୁ ଏହି ତଥ୍ୟ ପ୍ରକାଶ ପାଇଛି । ବୈଠକରେ ଉପସ୍ଥିତ କମିଟି ସଦସ୍ୟଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ (ଓସ୍ୱାସ୍) (ସଚିବାଳୟ କାର୍ଯ୍ୟ ସ୍ୱୟଂକ୍ରିୟ ବ୍ୟବସ୍ଥା) ରେ ଓଡିଆ ଭାଷାକୁ ସନ୍ନିବେସିତ କରାଯାଇଛି । ଓଡିଆ ଭାଷାରେ ଲେଖାଯାଉଥିବା ନଥିପତ୍ର ଗୁଡିକର ସଂଖ୍ୟା ଆକଳନ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଓଥିଲେ । ଓଡିଆ ଭାଷାକୁ ସହଜରେ ସରକାରୀ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଓଡିଆ ଭାଷା ଓ ଗବେଷଣା ପ୍ରତିଷ୍ଠାନ ସହଯୋଗରେ ସଫ୍ଟୱେର୍ ପ୍ରସ୍ତୁତ ସରିଛି । ସରକାରୀ ଉଦ୍‌ଯୋଗରେ ଆଧୀନିକୀକରଣ କେନ୍ଦ୍ର ଦ୍ୱାରା ଏଥିରେ କିଛି ନୂଆ ବୈଶିଷ୍ଟ ଯୋଡାଯାଇଛି । ୧ମାସ ମଧ୍ୟରେ ଏହି ସଫ୍ଟୱେର ମାଇକ୍ରୋସଫ୍ଟ ଅଫିସ ସହ ସଂଲଗ୍ନ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଇତି ମଧ୍ୟରେ ଓଡିଆ ଭାଷା ପ୍ରତିଷ୍ଠାନ ସହାୟତାରେ 'ପ୍ରଶାସନ ଶବ୍ଦଶୋକ' ଏବଂ ସରକାରୀ ଉଦ୍‌ଯୋଗର ଆଧୀନିକୀକରଣ ସଂସ୍ଥା ମାଧ୍ୟମରେ 'ଭାଷା ସହଚର' ପ୍ରଭୃତି କରାଯାଇ ସରକାରୀ କାର୍ଯ୍ୟାଳୟମାନଙ୍କୁ ଯୋଗାଇ ଦିଆଯାଇଛି । ଓସ୍ୱାସ୍ ବ୍ୟବସ୍ଥାରେ ଅଧିକରୁ ଅଧିକ ଓଡିଆ ଖଣ୍ଡ ବାକ୍ୟ ଓ ସରକାରୀ କାର୍ଯ୍ୟ ସମ୍ବନ୍ଧିତ ସରଳ ଏକକ ଶବ୍ଦ ସନ୍ନିବେସିତକରିବା ପାଇଁ ମୁଖ୍ୟ ଶାସନ ସଚିବ ସାଧାରଣ ପ୍ରଶାସନ ବିଭାଗୁ ନିର୍ଦ୍ଦେଶ ଦେଇଥିଲେ । କେବେଳ ସେତିକି ନୁହେଁ, ଏବେ ଠାରୁ ସବୁ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକର ନାମ ଫଳକ ଓଡିଆରେ ଲେଖାଯିବ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ନଗର ଉନ୍ନନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସବୁଠି ଓଡିଆ ନାମ ଫଳକ ରହିବ । ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ରାସ୍ତାରେ ଲାଗୁଥିବା ନାମ ଫଳକ ବି ଓଡିଆରେ ରହିବ । ଏଦିଗରେ ପଦକ୍ଷେପ ନେବାକୁ ପୂ□ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ । ଓଡିଆ ଭାଷାରେ ଉଚ୍ଚଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ଉଚ୍ଚଶିକ୍ଷା ବିଭାଗ ଫକୀରମୋହନ ମେଧାବୃ□ ବ୍ୟବସ୍ଥା ପ୍ରଚଳନ କରିତ୍‌ବା ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜିଭିଜି ଶର୍ମା କହିଥବଲେ । +୨ରେ ଓଡିଆ ଇଚ୍ଛାଧିନ ବିଷୟରେ ୯୦ ପ୍ରତିଶତ ବା +୩ରେ ୮୦ ପ୍ରତିଶତ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଏକକାଳୀନ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବ । ଏହି ବୈଠକରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ସଚିବମାନେ ଯୋଗ ଦେଇଥିଲେ ।

## ବିଡିଏ ଘର ନକ୍ସା ଅନୁମୋଦନ ପାଇଁ ଏନ୍‌ଓସି ଜାରି

**ଭୁବନେଶ୍ୱର, (ପି.ଏନ୍):** ଓଡିଶା ମ୍ୟୁନିସିପାଲ (ଓଏମ୍‌ସି) ଅଧିନିୟମର ଧାରା ୧୯୬ ଅନୁସାରେ ନିଗମ ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ନିୟମ ଏବଂ ଅନୁମୋଦିତ ନିର୍ମାଣକ୍ଷେତ୍ରକୁ ବିଚାରକୁ ନେଇ ୧୪ ବମିଟରରୁ ଅଧିକ ଉଚ୍ଚା ବିଶିଷ୍ଟ ଆବାସିକ ଗୃହ ଏବଂ ଅଣ ଆବାସିକ ଗୃହ ଉପରେ ନିଗମ ବିଭିନ୍ନ ସମୟରେ ବିନିୟମନ ଦ୍ୱାରା ନିର୍ଦ୍ଧାରିତ ଦରରେ ଉନ୍ନୟନ ଶୁଳ୍କ ଲାଗୁ କରିପାରିବେ । ବିଏଡିଏ, ବିଏମ୍‌ସି, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ, ଅଗ୍ନିନିବାରଣ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ଏକ ବୈଠକ ୨୦୦୯ ଅକ୍ଟୋବରରେ ଏହା ସ୍ଥିର ହୋଇଥିଲା । ବିଏମସି କ୍ଷେତ୍ର ମଧ୍ୟରେ ବହୁତଳ ପ୍ରାସାଦ ଯଥା ଏସ୍+୩ ଏବଂ ତଦୁର୍ଦ୍ଧ ନିର୍ମାଣ କରିବା ପାଇଁ ନିର୍ମାଣ ଠିକାରଙ୍କୁ ବିଡିଏ ଠାରୁ ସ□ମୂଳକ ଅନୁମୋଦନ ପାଇବା ପରେ ଗୃହ ନିର୍ମାଣ କରିବା ପୂର୍ବରୁ ନିର୍ମାଣ ଠିକାରଙ୍କୁ ବିଏମ୍‌ସି ଠାରୁ ଅଣଆପ□ ପ୍ରମାଣପତ୍ର (ଏନ୍‌ଓସି) ନେବାକୁ ପଡିବ । ଠିକାଦାର ନିଗମଠାରୁ ଏନ୍‌ଓସି ନନେଇ ଗୃହ ନିର୍ମାଣ କରିଛନ୍ତି । ସେହି ଗୃହ ବା ଆପାର୍ଟମେ[ରୁ ପାଣି ଓ ବିଦ୍ୟୁତ୍ ସଂଯୋଗ ବନ୍ଦ କରିବାକୁ ଏବଂ ପଞ୍ଜିକରଣ ବନ୍ଦ କରିବାକୁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ଜୁନ୍ ୨୦୧୧ରେ ବିଏମ୍‌ସି ନିଷ୍ପ□ ନେଇଥିଲା । ହେଲେ ତାହା କାର୍ଯ୍ୟକାରୀ କଲା ନାହିଁ । ଏନ୍‌ଓସି ନଥିପତ୍ରରୁ ଦେଖାଗଲା ଯେ, ବିଏମ୍‌ସି ୨୦୧୧-୧୨ରୁ ୨୦୧୫-୧୬ ମଧ୍ୟରେ ଏନ୍‌ଓସି ପାଇଁ ୩୪୮ଟି ଦରଖାସ୍ତ ଗ୍ରହଣ କରି ମାତ୍ର ୧୭୦ଟି କ୍ଷେତ୍ରରେ ଏନ୍‌ଓସି ଜାରି କରିଥିଲେ । ୮୦ଟି କ୍ଷେତ୍ରରେ ଶୁଳ୍କ ଜାରି କରାଯାଇନଥିବା ବେଳେ ୯୮ଟି କ୍ଷେତ୍ରରେ ଦାବି କରାଯାଇଥିଲା ଯେ, ୪୩.୨୩ କୋଟି ଟଙ୍କା ଶୁଳ୍କ ନିର୍ମାଣ ଠିକାଦାର ଗ୍ରହଣ କରିନଥିଲେ । ଯାହାଫଳରେ ଏଥି ପାଇଁ ବିଡିଏ କ୍ଷତି ସହିଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ବିଏମ୍‌ସି ଅଧିକାରୀଙ୍କ ସମୀକ୍ଷାରେ ଅଡିଟ୍ ଦ୍ୱାରା ଏନ୍‌ଓସି ପାଇନଥିବା ୧୨ଟି ବହୁତଳ ପ୍ରାସାଦକୁ ନେଇ କରାଯାଇଥିବା ସଂଯୁକ୍ତ ବସ୍ତୁଗତ ସତ୍ୟପାଠ ଅଗଷ୍ଟ ୨୦୧୬ରୁ ଜଣାଯାଇଛି ଯେ, ଗୋଟିଏ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବା ବେଳେ ୪ଟିର କାମ ଚାଲିଛି । ଏବଂ ବାକି ୭ଟିରେ କାମ ସରିଯାଇଛି । ବିଡିଏ ଓ ବିଏମ୍‌ସି ମଧ୍ୟରେ ଯୋଗସୂତ୍ର ଅଭାବ ଯୋଗୁ ଗୃହ ମାଲିକମାନେ ବିନା ଏନ୍‌ଓସିରେ ବିଡିଏଠାରୁ ଘରଅନୁମୋଦନ ନେଇଯାଇଛନ୍ତି । ସେମାନଙ୍କ ବିରୋଧରେ ବିଏମ୍‌ସି କୌଣସି ଦଣ୍ଡବିଧାନ କରିନାହିଁ । ବିଏମ୍‌ସି ଖିଲାପକାରୀଙ୍କ ପଞ୍ଜିକରଣ ସଂଖ୍ୟାକୁ ଖାରଜ କରିବା ପାଇଁ ନଗର ଉନ୍ନୟନ ବିଭାଗକୁ ମଧ୍ୟ ଜଣାଇନାହିଁ । ଏଥି ସହିତ ଏନ୍‌ଓସି ନେଇନଥିବା ଘର ଗୁଡିକୁ ବିଦ୍ୟୁତ୍ ଏବଂ ପାଣି ସଂଯୋଗ ବଚ୍ଛିନ୍ନ ପାଇଁ ସେସୁ ଏବଂ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗକୁ ମଧ କହି ନାହିଁ । ସେସୁ ଓ ଏମ୍‌ସି ଅଧିନିୟମ ୨୦୦୩କୁ ପ୍ରବ□ନ ଏବଂ ରୂପାନ୍ତର କରିବାରେ ବିଏମ୍‌ସି ସମ୍ପୂର୍ଣ୍ଣ ବିଫଳ ହୋଇଛି ଏବଂ ବିନା ଏନ୍‌ଓସିରେ ନିର୍ମିତ ଘର ଗୁଡିକୁ ୪.୩୨ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାରେ ବିଫଳ ହୋଇଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ।

## ତୈଳଦର ବୃଦ୍ଧି ବିରୋଧରେ ସିପିଆଇର ବିକ୍ଷୋଭ

**ଭୁବନେଶ୍ୱର,(ପି.ଏନ୍):** ବିଶ୍ୱ ବଜାରରେ ତୈଳଦର ହ୍ରାସ ପାଉଥିବା ବେଳେ, ଭାରତରେ ପ୍ରତିଦିନ ଡିଜେଲ ଓ ପେଟ୍ରୋଲର ଦର ବୃଦ୍ଧି ବିରୋଧରେ ପ୍ରତିବାଦ ଜଣାଇ ଆଜି ରାଜଧାନୀ ଭୁବନେଶ୍ୱରରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସୋମବାର ପୂର୍ବାହ୍ନରେ ଶତାଧିକ ସିପିଆଇ କର୍ମୀ ହାତରେ ଦଳୀୟ ବ୍ୟାନର ଓ ପତାକା ସହ ତୈଳଦର ବୃଦ୍ଧି ବିରୋଧରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡ଼ ମାନ ଧରି ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଜୋନ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିଥିଲେ । ସେମାନେ ରାଜମହଲ ଛକ ନିକଟରେ ପହଂଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ଶ୍ରୀ ଜେନା ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ବିଜେପି ସରକାର ତୈଳ କମ୍ପାନୀ ମାନଙ୍କ ନିକଟରେ ବନ୍ଧା ପଡ଼ିଯାଇଛି ଏବଂ ମୋଦି ଓ ଧର୍ମେନ୍ଦ୍ର ତୈଳ କମ୍ପାନୀ ମାନଙ୍କୁ ଦେଶବାସୀଙ୍କୁ ଲୁଟ୍ କରିବା ପାଇଁ ଛାଡ଼ି ଦେଇଛନ୍ତି ବୋଲି ଅଭିଯୋଗ କରିଥିଲେ । ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ କୈଳାସ ପୁହାଣ, ଛେତମ୍ବର ଭୋଇ, ରୀତା ସେଠୀ, ଶଇଳ ନାୟକ, ତୁଳସୀ ଦଳେଇ, ସସ୍ମିତା ନାୟକ, ଶରତ ସ୍ୱାଇଁ, ମମତା ବରାଳ, କେ. ପାପାମା, ଲୋକନାଥ ଭୋଇ, ଦୁଃଶାସନ ମହାରଣା, ସୁଗୁନ ଓରାମ, ଗୀତାଞ୍ଜଳି ଜେନା ଓ ରାମ ବେହେରା ନେତୃତ୍ୱ ନେଇଥିଲେ ।

## ୨୫ ଲକ୍ଷ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଦାବୀ ପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କଲା ବିଜେପି କୃଷକ ମୋର୍ଚ୍ଚା

**ଭୁବନେଶ୍ୱର,(ପି.ଏନ୍):** ବିଜେପି କୃଷକ ମୋର୍ଚ୍ଚା ତରଫରୁ ରାଜଭବନ ସମ୍ମୁଖରେ ହଜାର ହଜାର ଚାଷୀଙ୍କୁ ନେଇ ଧାରଣା ଦିଆଯାଇଥିଲା । ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ କୃଷକ ଉପରୁ କୃଷି ଋଣ ଛାଡ ଏବଂ ବିନା ସୁଧରେ କୃଷି ଋଣ ପ୍ରଦାନ ଦାବୀରେ ସାରା ରାଜ୍ୟରୁ ସଂଗୃହୀତ ୨୫ ଲକ୍ଷ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଦାବୀ ପତ୍ରକୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା । ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଶିବାଜୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାରଣାରେ ରାଜ୍ୟ ସରକାରଙ୍କ କୃଷକମାରଣ ନୀତିକୁ ତୀବ୍ର ସମାଲୋଚନା କରାଯାଇଥିଲା । ଧାରଣ ସ୍ଥଳକୁ ଆସୁଥିବା ହଜାର ହଜାର ଚାଷୀଙ୍କୁ ବିଜେଡି କର୍ମୀମାନେ ହରତାଳ ନାମରେ ପୋଲିସ ସହାୟତାରେ ଯେଉଁ ଭଳି ଭାବେ ବିଭିନ୍ନ ସ୍ଥାନରେ ଅଟକ ରଖି ମରଣାନ୍ତକ ଆକ୍ରମଣ କରାଯିବା ଘଟଣାକୁ ଧାରଣାରତ ଚାଷୀମାନେ ଘୋର ନିନ୍ଦା କରିଥିଲେ । ଏପରିକି ସଭା ସ୍ଥଳରେ ପୋଲିସର ସହାୟତା ନେଇ ବିଜେଡି ଗୁଣ୍ଡାମାନେ ଦୁଇ ଦୁଇଟି ମୋଟର ସାଇକେଲ ରାଲି ନେଇ ସଭାକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ ସହ ଢେଲା ପଥର ଦ୍ୱାରା ଆକ୍ରମଣ କରିଥିଲେ । ଏହା ଚାଷୀଙ୍କ ପାଇଁ ନବୀନ ସରକାରଙ୍କ ନିଷ୍ଠୁରତାର ଆଉ ଏକ ନିଦର୍ଶନ ବୋଲି ନେତୃମଣ୍ଡଳି ସଭାରେ ଉଦ୍‌ବେଗ ପ୍ରକାଶ କରିଥିଲେ । ରାଜ୍ୟ ସରକାରଙ୍କ ଅପାରଗତା ଓ ସ୍ଥାଣୁତା ପାଇଁ ଚାଷୀ ଆତ୍ମହତ୍ୟାରେ ଓଡିଶା ଏକ ନମ୍ବର ସ୍ଥାନରେ ଅଛି । କେନ୍ଦ୍ରୀୟ କୃଷକ କଲ୍ୟାଣ ଯୋଜନାକୁ ରାଜ୍ୟରେ ଜାଣିଶୁଣି କାର୍ଯ୍ୟକାରିତା କରିବାରେ ବିଳମ୍ବ କରିବା ଦ୍ୱାରା ଚାଷୀ ତାର ହକ୍ ପାଇବାରୁ ବଂଚିତ ହୋଇଛି । ଅନ୍ୟ ରାଜ୍ୟ ମାନେ କୃଷକଙ୍କ ଉପରୁ ଋଣ ବୋଝ ହାଲୁକା କରିବା ପାଇଁ ଋଣ ଛାଡ ଘୋଷଣ କରିଥିବାବେଳେ ଓଡିଶା ସରକାର ଅଦ୍ୟାବଧି ଋଣଛାଡ ଘୋଷଣ ନକରିବା ରାଜ୍ୟ ସରକାର ସମ୍ବେଦନହୀନ ବୋଲି ବକ୍ତାମାନେ ସଭାରେ ମତପ୍ରକାଶ କରିଥିଲେ । କୃଷକର ଆୟକୁ ଦୁଇ ଗୁଣ କରିବା ପାଇଁ ବିନା ସୁଧରେ ଋଣ ଯୋଗାଇ ଦେବା ପାଇଁ ବିଜେପି କୃଷକ ମୋର୍ଚ୍ଚା ଦାବି କରିଛି । ଚାଷିର ହକ୍ ପାଇଁ ଉପରୋକ୍ତ ଋଣଛାଡ ଏବଂ ବିନା ସୁଧରେ ଋଣ ପ୍ରଦାନ ରାଜ୍ୟ ସରକାର କାର୍ଯ୍ୟକାରୀନକରିବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି ।ଏହି ଧାରଣାରେ ରାଜ୍ୟ ଉପ-ସଭାପତି ସମୀର ମହାନ୍ତି, ବିଧାୟକ ପ୍ରଦୀପ ପୁରୋହିତ, ସଂପାଦକ କାଳନ୍ଦୀ ସାମଲ, ଯତୀନ ମହାନ୍ତି, ଲେଖାଶ୍ରୀ ସାମନ୍ତସିଂହାର, ପ୍ରବକ୍ତା ସୁଦୀପ୍ତ ରାୟ, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପ-ସଭାପତି ମହେଶ୍ୱର ସାହୁ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପ-ସଭାପତି ଠାକୁର ରଣଜିତ୍ ଦାଶ, କୃଷକ ମୋର୍ଚ୍ଚାର ରାଜ୍ୟ ସାଧାରଣ ସଂପାଦକ ସୁରଥ ବିଶ୍ୱାଳ, ସମୀର ପାତ୍ର, ରବି ନାରାୟଣ ମହାପାତ୍ର, କୃଷ୍ଣ ଜଗଦେବ, ଉପ ସଭାପତି ଗୌରହରି ମିଶ୍ର, ହୃଷିକେଶ ଜେନା, ନାରାୟଣ ପଟ୍ଟନାୟକ, ପ୍ରଦୀପ ସାହୁ, ଦିଲୀପ ସ୍ୱାଇଁ, ସଂପାଦକ ଶ୍ରୀରଂଜନ ମଙ୍ଗରାଜ, ଲିଙ୍ଗରାଜ ବାରିକ, ମନୀଷା ବେହେରା, ପ୍ରଦୀପ ମହନ୍ତ, ସଂଗ୍ରାମ ପାଇକରାୟ, ଆଶ୍ରୀତ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, ଜଗନ୍ନାଥ ପ୍ରଧାନ, ଅମୀୟ ଦାଶ, ପିଂକି ପ୍ରଧାନ, ଉର୍ମିଳା ମହାପାତ୍ର ଓ ସରୋଜ ସାହୁଙ୍କ ସମେତ ସହସ୍ରାଧିକ ଚାଷୀ ଯୋଗ ଦେଇଥିଲେ ।ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଏକ ୧୮ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜଭବନକୁ ଯାଇ ସଂଗୃହୀତ ଦସ୍ତଖତକୁ ନେଇ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ । ରାଜ୍ୟପାଳ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିନିଧି ମଣ୍ଡଳୀକୁ କହିଥିଲେ ।